## ମହିଳାଙ୍କ ଆତ୍ମହତ୍ୟା

କୁଳିଅଣା,(ଆଦିକନ୍ଦ ସାହୁ): କୁଳିଅଣା ଥାନା ଅଧୀନ ସାନନୂଆଗାଁ ଗ୍ରାମର ଶୁକଦେବ ବେହେରାଙ୍କ ସ୍ତ୍ରୀ ବନବାସୀ (୩୦) ମଙ୍ଗଳବାର ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୩) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

### ସଂକ୍ଷେପରେ

## ବାଇକ୍ ଡିକି ଭାଙ୍ଗି ଟଙ୍କା, ସୁନା ଲୁଟ୍

ଠାକୁରମୁଣ୍ଡା,୨୭।୯(ତାରାକାନ୍ତ ପଟ୍ଟନାୟକ)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବଜାରରେ ଥିବା ପଦ୍ମାବତୀ ଜୁଏଲେରୀର ମାଲିକ ବିଶ୍ୱଜିତ ମହାପାତ୍ରଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ୧୦ ହଜାର ଟଙ୍କା ସହ ପ୍ରାୟ ୫ ଲକ୍ଷ ଟଙ୍କା ମୂଲ୍ୟର ସୁନା,ରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜୁଏଲେରୀ ମାଲିକ ମହାପାତ୍ର ସୁନା,ରୁପା ଅଳଙ୍କାର ବ୍ୟାଗକୁ ନିଜ ବାଇକ୍ ଡିକିରେ ରଖି ପୂର୍ବାହ୍ନ ୧୧ଟା ସମୟରେ ଦୋକାନ ଖୋଲିବାକୁ ଆସିଥିଲେ। ବାଇକ୍‌ଟି ଦୋକାନ ସମ୍ମୁଖରେ ରଖି ତାଲା ଖୋଲିବାକୁ ଯାଇଥିଲେ। ହେଲେ ତାଲା ଭିତରେ ପୂର୍ବରୁ କେହି ଅଠା ଭର୍ତ୍ତି କରି ଦେଇଥିଲେ। ଅଠା ଭର୍ତ୍ତି ହୋଇଥିବାରୁ ଜୁଏଲେରୀ ମାଲିକ ତାଲା ଖୋଲିବାରେ ସମୟ ଲାଗିଥିଲା। ଏହି ସୁଯୋଗରେ ଦୁର୍ବୃତ୍ତମାନେ ବାଇକ୍ ଡିକି ଭାଙ୍ଗି ଅଳଙ୍କାର ବ୍ୟାଗ ଲୁଟି ନେଇ ପଳାଇ ଯାଇଥିଲେ। ପରେ ଚୋରି ସମ୍ପର୍କରେ ଜାଣି ଜୁଏଲେରୀ ମାଲିକ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବାଇକ୍ ଚୋରି ଅଭିଯୋଗ

ବେତନଟୀ,୨୭।୯(ଧରଣୀଧର ମହାନ୍ତି): ବେତନଟୀ ଥାନା ମୁକ୍ତାପୁର ପଞ୍ଚାୟତ ଅଧୀନ ଛଚିନାପଦା ଗ୍ରାମର ରାଧାମୋହନ ବେହେରାଙ୍କର ଏକ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବାଇକ୍‌ଟି ଘର ସମ୍ମୁଖ ଖଳାରେ ରଖାଯାଇଥିବା ବେଳେ କେହି ଦୁର୍ବୃତ୍ତ ଚୋରାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବହିଷ୍କାର ଦାବିରେ ଧାରଣା

ଭଦ୍ରକ,୨୭।୯(ସନାତନ ରାଉତ)- ଭଦ୍ରକ ବ୍ଲକ ଚାରିଘରିଆ ପାତ୍ର ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍କୁଲ ଯିବା ବାଟରେ ଜଣେ ପଞ୍ଚମ ଶ୍ରେଣୀର ଛାତ୍ରଙ୍କୁ ତାଙ୍କ ଭ୍ୟାନିଟି ବ୍ୟାଗ୍ ଧରିବା ପାଇଁ କହିଥିଲେ। ଛାତ୍ର ଜଣକ ବ୍ୟାଗ ନ ନେବାରୁ ତାଙ୍କୁ କୁକୁର ବୋଲି କହିଥିଲେ। ପ୍ରଧାନଶିକ୍ଷୟିତ୍ରୀ କୁକୁର କହିବା ପରେ ସାଙ୍ଗପିଲାମାନେ କୁକୁର କହି ଚିଡ଼ାଉଥିବାରୁ ଛାତ୍ର ଜଣକ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ସ୍କୁଲକୁ ଆସୁ ନ ଥିବା ଅଭିଯୋଗ କରିଛନ୍ତି ଛାତ୍ରଙ୍କ ବାପା ଉତ୍ତମ କୁମାର ବାରିକ। ଏନେଇ ବିଇଓ, ଜିଲାପାଳଙ୍କୁ ଜଣାଇବା ପରେ କିଛି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମଙ୍ଗଳବାରଠାରୁ ବିଦ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ଛାତ୍ର ଓ ତାଙ୍କ ବାପା। ପ୍ରଧାନଶିକ୍ଷୟିତ୍ରୀଙ୍କ ବହିଷ୍କାର ନ ହେବା ଯାଏ ଧାରଣା ଚାଲୁରହିବ ବୋଲି ସେ କହିଛନ୍ତି। ଭଦ୍ରକ ବିଇଓ ଚକ୍ରଧର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଜଣେ ଏବିଇଓ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଜାତୀୟ ସେବା ସଂସ୍ଥାର ପ୍ରତିଷ୍ଠା ଦିବସ

ଔପଦା, ୨୭।୯(ଧରିତ୍ରୀ ପଣ୍ଡା)-ଔପଦା ଡିଗ୍ରୀ କଲେଜ ପରିସରରେ ଜାତୀୟ ସେବା ସଂସ୍ଥାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଡିଗ୍ରୀ କଲେଜ ଅଧ୍ୟକ୍ଷ ମୋହନ ଚରଣ ସାହୁଙ୍କ ସଭାପତିତ୍ୱରେ ଜାତୀୟ ସେବା ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱାରିକା ନାଥ ଶତପଥି ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟ ସେବା ସଂସ୍ଥାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଖିରୋଦ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

ଭଣ୍ଡାରିପୋଖରୀ,୨୭।୯(ରବିନାରାୟଣ ଖିଲାର): ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ଅଧିକାରୀ ସରୋଜ ଦତ୍ତ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷ କରି ଗ୍ରାମାଞ୍ଚଳ ବାସଗୃହ ଯୋଜନା ଓ ଏନ୍‌ଆର୍‌ଇଜିଏସ୍ ବାବଦରେ ସମୀକ୍ଷା ହୋଇଥିଲା। ଆୟୋଜିତ ସମୀକ୍ଷା ବୈଠକରେ ବିଡିଓ ଦେବଦତ୍ତ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ତ୍ରିପାଠୀ, ଜିପିଓ ମୀନକେତନ ବାରିକ, ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ସ୍ୱର୍ଣ୍ଣମୟୀ ପଣ୍ଡା, ସତ୍ୟବ୍ରତ ପାତ୍ର, ଜଗନ୍ନାଥ ବାରିକ, ଫିରଦୋଷ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ମରାମତି କରୁଛନ୍ତି ଲୋକେ

### ପ୍ରଶାସନ ଉପରୁ ତୁଟୁଛି ଭରସା

ଯୋଡ଼ା,୨୭।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା-ଜୁରୁଡ଼ି ରାସ୍ତା ମରାମତି ଅଭାବରୁ ଶୋଚନୀୟ ଅବସ୍ଥା ହୋଇପଡ଼ିଛି। ଏହି ରାସ୍ତାରେ ଦୈନିକ ଅନେକ ହଜାର ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ୍ ଚଳାଚଳ ହେତୁ ରାସ୍ତାର ବହୁ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ରାସ୍ତାରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା କାମ ହେଉନାହିଁ। ତେଣୁ ବାଧ୍ୟ ହୋଇ ସ୍ଥାନୀୟ ଲୋକେ ଓ ସଂଗଠନ ନିଜ ଖର୍ଚ୍ଚରେ ରାସ୍ତାର ବିଭିନ୍ନ ସ୍ଥାନରେ ମରାମତି କରୁଥିବା ଦେଖିବାକୁ ମିଳିଛି।

ପ୍ରକାଶଯୋଗ୍ୟ, ଏହି ରାସ୍ତାର କଂକ୍ରିଟ ଓ ପ୍ରଶସ୍ତୀକରଣ ପାଇଁ ୩ ବର୍ଷ ପୂର୍ବେ ଜିଲା ଖଣିଜ ପାଣ୍ଠିରୁ ପ୍ରାୟ ୫୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପୂର୍ତ୍ତ ବିଭାଗ ଓ ଜିଲା ପ୍ରଶାସନର ଉପଯୁକ୍ତ ତଦାରଖ ଅଭାବରୁ ଅଧା କଂକ୍ରିଟ ଓ ନିମ୍ନମାନର କାର୍ଯ୍ୟ କରାଯାଇଥିଲା; ଯାହାକି ୧ ବର୍ଷ ମଧ୍ୟରେ କଂକ୍ରିଟ ମାଟିରେ ମିଶିଯାଇଥିବା ଦେଖିବାକୁ ମିଳିଛି। ରାସ୍ତାଟି ଖଣି ଅଞ୍ଚଳର ସବୁଠାରୁ ଅଧିକ ବ୍ୟସ୍ତ ବହୁଳ ଥିବାରୁ ଅନେକ ହଜାର ଟ୍ରକ୍ ଉକ୍ତ ରାସ୍ତାରେ ଯାତାୟାତ କରୁଛି। ଫଳରେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ବର୍ଷା ଦିନେ ପାଣି ଜମି ରହି ଦୁର୍ଘଟଣାର କାରଣ ସାଜୁଛି। ଅଟୋ, ବାଇକ ଓ ସାଧାରଣ ଲୋକେ ଖାଲରେ ପଡ଼ି ଯାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତାର ଏପରି ଅବସ୍ଥା ପାଇଁ ସ୍ଥାନୀୟ ଜୁରୁଡ଼ି, ଜଜାଙ୍ଗ, ଜଳହରୀ, ପଳଶା, ବଡ଼ କାଳୀମାଟି, ବଳଦା ପ୍ରଭୃତି ୫ ପଞ୍ଚାୟତର ଗ୍ରାମବାସୀ ଦୈନନ୍ଦିନ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ରାସ୍ତା ବିପର୍ଯ୍ୟସ୍ତ ଯୋଗୁ ଯୋଡ଼ାକୁ ମାତ୍ର ୬ କି.ମି. ଦୂରତା ହୋଇ ଥିବା ବେଳେ ଦୈନନ୍ଦିନ କାର୍ଯ୍ୟରେ ପ୍ରାୟ ୨୦ରୁ ୨୫ କି.ମି. ଦୂର ଝୁମ୍ପୁରା ବଜାର ଉପରେ ନିର୍ଭର କରୁଛନ୍ତି। ଏ ନେଇ ବହୁବାର ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନକୁ ଗୁହାରି କରାଯାଇଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ ବାଧ୍ୟ ହୋଇ ଯୋଡ଼ିବାହାଳ ଗ୍ରାମର ବିଶ୍ୱାସ ଯୁବକ ସଂଘ, ଅଟୋ ସଂଘ ଓ ସ୍ଥାନୀୟ ଲୋକେ ମିଶି ମଙ୍ଗଳବାର ରାସ୍ତାର କିଛି ସ୍ଥାନରେ ମାଟି, ଗୋଡି ପକାଇ ମରାମତି କରିଥିଲେ। ୧ ମାସ ପୂର୍ବେ ମଧ୍ୟ ରାସ୍ତାର ଆନ୍ତରାମାନ୍ଦାଠାରେ ମେସିନ ଲଗାଇ ରାସ୍ତା ମରାମତି କରିଥିଲେ। ସ୍ଥାନୀୟ ଯୋଡ଼ିବାହାଳ ଗ୍ରାମର ବିଶ୍ୱାସ ଯୁବକ ସଂଘ ସଭାପତି ଶିବୁ ଶର୍ମା, ବିନୋଦ କରୁଆ, ଦୁଃଖୁ ମହାକୁଡ଼ ଓ ଗ୍ରାମବାସୀ କହିଛନ୍ତି, ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କଲେ ମଧ୍ୟ କେହି ଶୁଣୁନାହାନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ରାସ୍ତା ଥାଇ ମଧ୍ୟ ବିଭାଗ ସ୍ଥାଣୁ ପାଲଟିଯାଇଛି। ସ୍ଥାନୀୟ ଖଣି କମ୍ପାନୀଗୁଡ଼ିକ ରାସ୍ତାକୁ ଖଣିଜ ପରିବହନ ନିମନ୍ତେ ବ୍ୟବହାର କରୁଛନ୍ତି। ମାତ୍ର ରାସ୍ତା ମରାମତି ନିମନ୍ତେ ଦୃଷ୍ଟି ଦେଉନାହାନ୍ତି। ଏ ଦିଗରେ ପୂର୍ତ୍ତ ବିଭାଗ ଓ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି।



ବିଶ୍ୱାସ ଯୁବକ ସଂଘ ସଦସ୍ୟମାନେ।

# ଜୁଣିଆଁରେ ସଶସ୍ତ୍ର ଡକାୟତି

### ବୃଦ୍ଧାଙ୍କୁ ହାଣି ଲୁଟି ନେଲେ ନଗଦ ୭ ଲକ୍ଷ, ଅଳଙ୍କାର

ବାହାନଗା, ୨୭।୯(ଅରୂପ କୁମାର ଦାସ)

ମଙ୍ଗଳବାର ରାତିରେ ବାହାନଗା ବ୍ଲକ ଜୁଣିଆଁ ବଜାର ନିକଟରେ ଥିବା ଏକ ଘରୁ ସଶସ୍ତ୍ର ଡକାୟତି ହୋଇଛି। ଘର ଭିତରେ ଥିବା ଜଣେ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଘରୁ ଲୁଟି ନେଇଛନ୍ତି ପାଖାପାଖି ନଗଦ ୭ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର। ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ କେବଳ ବୃଦ୍ଧା ଶାନ୍ତିଲତା ଗୁପ୍ତା (୭୫) ଶୋଇଥିଲେ। ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହିତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ପକାଇ ଡକାୟତମାନେ ଆଲମିରା ଭାଙ୍ଗି ତା' ଭିତରେ ଥିବା ନଗଦ ୭ ଲକ୍ଷ ଟଙ୍କା ସହିତ ସମସ୍ତ ସୁନା ଅଳଙ୍କାର, ପାଖାପାଖି ୨୦ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟି ନେଇଥିବା ଜଣାପଡିଛି।

ଜୁଣିଆ ବଜାର ନିକଟରେ ରାଜକିଶ୍ୱର ଗୁପ୍ତାଙ୍କ ଘରେ ସ୍ତ୍ରୀ, ଓ ପୁଅ ଓ ତାଙ୍କ ମା ଶାନ୍ତିଲାତା ଙ୍କ ସହିତ ରହନ୍ତି। ତାଙ୍କର ଓ ତାଙ୍କ ବଡ ଭାଇଙ୍କ ମିଳିତ ଭାବେ ବଜାରରେ ଏକ ଦୋକାନ ଅଛି। ପ୍ରତ୍ୟେକ ଦିନ ଭଳି ଦୋକାନ ଟଙ୍କା ରାଜକିଶ୍ୱରଙ୍କଠାରେ ରହିଥାଏ। ମଙ୍ଗଳବାର ରାତି ପ୍ରାୟ ସାଢେ ଗୋଟାଏ ବେଳେ ରାଜକିଶ୍ୱର ନିଜର ସ୍ତ୍ରୀ ଓ ପୁଅଙ୍କୁ ଉତ୍କଳ ଏକ୍ସପ୍ରେସ ଟ୍ରେନରୁ ବାଲେଶ୍ୱରରୁ ଆଣିବା ପାଇଁ ଯାଇଥିଲେ। ଘରେ ତାଙ୍କ ବୃଦ୍ଧା ମା' ଶୋଇଥିଲେ। ତେବେ ଆସିଲେ ମା'ଙ୍କୁ ନ ଉଠାଇବା ନିମନ୍ତେ ବାହାରପଟୁ ତାଲା ପକାଇ ବାଲେଶ୍ୱରକୁ ଯାଇଥିଲେ। ମାତ୍ର ସେ ଯିବା ପରେ ଡକାୟତମାନେ ଘର ପଛପଟ ତାଜା ଉପରେ ଚଢି ଛାତକୁ ଯାଇ ଘର ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ ବୃଦ୍ଧାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଆଲମିରାରେ ଥିବା ୭ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇ ପଳାଇଛନ୍ତି। ତେବେ ଭୋର ୫ଟାରେ ଘରେ ପହଞ୍ଚି ଦୁଆର କବାଟ ଚାବି ଖୋଲି ଘର ଭିତରକୁ ଯିବା ସମୟରେ ଦେଖିଥିଲେ ତାଙ୍କ ମା' ରକ୍ତାକ୍ତ ହୋଇ ମୁମୂର୍ଷ ଅବସ୍ଥାରେ ଚେତାଶୂନ୍ୟ ହୋଇପଡିଛନ୍ତି। ଏହାଦେଖି ସଙ୍ଗେ ସଙ୍ଗେ ଅନ୍ୟତ୍ର ଥିବା ତାଙ୍କ ବଡଭାଇଙ୍କୁ ଖବର ଦେଇ ମା'ଙ୍କୁ ପ୍ରଥମେ ଗୋପାଳପୁର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ବୃଦ୍ଧାଙ୍କୁ ଚିକିତ୍ସା କରାଯାଇଛି। ଖବରପାଇ ଗୋପାଳପୁର ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆରମ୍ଭ କରିଛି।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ-ଓୟୁଏଟି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର



ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ବାଲେଶ୍ୱର, ୨୭।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ବୈଠକ ଅନୁଷ୍ଠିତ ହୋଇଛି। ନୂଆପାଢ଼ୀସ୍ଥିତ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ବୈଠକରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରାର କୁକୁମିନା ଦାଶ, ବାୟୋସାଇନ୍ସ ଓ ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ସହଯୋଗୀ ପ୍ରଫେସର ଡ. ଏଲ୍‌ସା ପଣ୍ଡିତ, ସୋସିଆଲ ସାଇନ୍ସ ବିଭାଗର ସୋସିଓଲୋଜି ଆସିଷ୍ଟାଣ୍ଟ ପ୍ରଫେସର ପବିତ୍ର ମୋହନ ନାୟକ ଉପସ୍ଥିତ ଥିଲେ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ରେଜିଷ୍ଟ୍ରାର ଲୋପାମୁଦ୍ରା ମହାନ୍ତି, ଅର୍ଥ ନିୟନ୍ତ୍ରକ ଶଶାଙ୍କ ଭୂଷଣ ମହାପାତ୍ର, ବିଭାଗଗୁଡ଼ିକର ଡିନ୍ ଯଥା ଅନୁସନ୍ଧାନ ବିଭାଗ ମୌଳିକ ବିଜ୍ଞାନ ଏବଂ ମାନବିକତା ବିଭାଗ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଏବଂ ଅନୁସନ୍ଧାନ, ଡ. ପ୍ରସନ୍ନଜିତ୍ ମିଶ୍ର, ସମ୍ପ୍ରସାରଣ ଶିକ୍ଷା ବିଭାଗ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ପ୍ରଫେସର ଦୟାନିଧି ମିଶ୍ର, ନିର୍ଦ୍ଦେଶକ ଯୋଜନା, ମନିଟରିଂ ଏବଂ ମୂଲ୍ୟାଙ୍କନ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ରେଜିଷ୍ଟ୍ରାର କୁକୁମିନା ଦାଶ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ସ୍ୱାକ୍ଷରିତ ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ଅନୁସାରେ ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଛାତ୍ର ଏବଂ ଅଧ୍ୟାପକମାନଙ୍କ ବିନିମୟ, ସହଯୋଗୀ ଅନୁସନ୍ଧାନ, ବୈଜ୍ଞାନିକ ଜ୍ଞାନ, ସୂଚନା, ପ୍ରଯୁକ୍ତିବିଦ୍ୟା ଏବଂ ସାମଗ୍ରୀ ଆଦାନପ୍ରଦାନ ଓ ଗ୍ରାମୀଣ କୃଷକମାନଙ୍କ ପାଇଁ ମିଳିତ ସମ୍ପ୍ରସାରଣ କାର୍ଯ୍ୟକଳାପ ସହ ସେମାନଙ୍କୁ ସାମ୍ପ୍ରତିକ ବିକାଶ ବିଷୟରେ ଅବଗତ କରାଇବା ଆଦି କ୍ଷେତ୍ରରେ ପରସ୍ପର ସହିତ ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟକ୍ରମରେ ମିଳିତ ବିନିମୟର ସୁଯୋଗ ଲାଭ କରିବେ। ବୈଠକରେ ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ସୁସମ୍ପର୍କ ସ୍ଥାପନା ସହ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ନେଇ ଆଶାବ୍ୟକ୍ତ କରାଯାଇଛି।

### କରତକଳରେ ବନବିଭାଗ, ଭିଜିଲାନ୍ସର ମିଳିତ ଚଢ଼ାଉ

## ୭ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ଅମୂଲ୍ୟ କୁମାର ଦାସ), ୨୭।୯

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଛକରେ ଥିବା ବେଆଇନ କରତକଳ ଉପରେ ବୁଧବାର ଭୋର୍ ସମୟରେ ବନବିଭାଗ ଓ ଭିଜିଲାନ୍ସ ବିଭାଗ ମିଳିତ ଚଢ଼ାଉ କରି ୭ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଯନ୍ତ୍ରାଂଶ ଓ କାଠ ଜବତ କରିଛି। ବାଲିଆପାଳ ବ୍ଲକରେ ଏହା ସବୁଠାରୁ ବଡ଼ ଓ ପୁରାତନ କରତକଳ ଥିଲା। ଏହା ବାଲିଆପାଳର ମୁଖ୍ୟ ଛକରେ ହୋଇଥିଲେ ମଧ୍ୟ ବନବିଭାଗ ଏହାର ଟେର ପାଉ ନ ଥିଲା। ବୁଧବାର ଡିଏଫ୍‌ଓ ଖୁଶବନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କାଙ୍କ ନେତୃତ୍ୱରେ ଭିଜିଲାନ୍ସ ଏସ୍‌ଆଇଏଫ୍ ତପନ କୁମାର ପରିଡ଼ା, ଭିଜିଲାନ୍ସ ଡିଏସ୍‌ପି ସିଙ୍କଦମ ହେମ୍ବ୍ରମ, ଇନ୍ସପେକ୍ଟର ଛବିରାଣୀ ହେମ୍ବ୍ରମ, ଲଙ୍ଗଳେଶ୍ୱର ଫରେଷ୍ଟର ଶଶୀଧର ମହାନ୍ତି, ଭିଜିଲାନ୍ସ ଫରେଷ୍ଟର ବିବେକାନନ୍ଦ ଜେନାଙ୍କ ସହିତ ପ୍ରାୟ ୨ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ବାଲିଆପାଳ ଥାନା ଅଧିକାରୀ ପ୍ରଶାନ୍ତ ଜେନାଙ୍କ ସହିତ ବାଲିଆପାଳ ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ସେହିପରି ସିଂଲା ଥାନା ଅଧୀନ ବରହମପୁର କରତ କଳ ଉପରେ ଚଢ଼ାଉ କରାଯାଇ ୫ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଛି। ବାଲିଆପାଳ କରତକଳର କେୟାର ଟେକର ଅଜୟ ଦାସଙ୍କୁ ଅଟକ ରଖାଯାଇଥିବା ରେଞ୍ଜର ଲେଙ୍କା କହିଛନ୍ତି।

## ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ଶ୍ରଦ୍ଧାଞ୍ଜଳି ସଭା

ରାଇବଣିଆ, ୨୭।୯(ନବୀନ ସାହୁ)

ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ, ବର୍ଷୀୟାନ ଖବରଦାତା ଲକ୍ଷ୍ମୀଧର ବେହେରାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଜଳେଶ୍ୱର ଭଞ୍ଜଭବନରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଡ. ରମାକାନ୍ତ ଭଞ୍ଜ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ଲଳିତ ରଞ୍ଜନ ସେନାପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଦିବଂଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ମଞ୍ଚ ତରଫରୁ ବରିଷ୍ଠ ସଦସ୍ୟ ଦିଲୀପ ଗିରି, ଶ୍ୟାମାଚରଣ ଦାସ, ଜିତାରାମ ଦେ, ରାଜାରାମ କରଶର୍ମା, ଶ୍ରୀମନ୍ତ ଘୋଷ, ସୀତାଂଶୁ ସେନାପତି, ଭାଗବତ ପରିଡ଼ା, କାଳିଚରଣ ପୃଷ୍ଟି, ସୁକୁମାର ରଣା, ସୁନୀଲ କୁମାର ନାୟକ, ସୁବ୍ରତ ବେରା, ସୁନୀଲ ଗିରି, ଅବଦୁଲ ସମ୍ମତ ଖାଁ, ନୀଳମଣି ପ୍ରଧାନ, ଦିଗମ୍ବର ପ୍ରଧାନ ପ୍ରମୁଖ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ସ୍ୱର୍ଗତ ଲକ୍ଷ୍ମୀଧର ବେହେରାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଅଧିବେଶନ ଆସନ୍ତା ଅକ୍ଟୋବର ୬ ତାରିଖ ଭଞ୍ଜଭବନରେ ଅନୁଷ୍ଠିତ ହେବାର ସ୍ଥିର କରାଗଲା।

## ଭାଜପା ପକ୍ଷରୁ ରକ୍ତଦାନ ଶିବିର

ରୂପସା, ୨୭।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ଆଙ୍କୋ ପଞ୍ଚାୟତ ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୩ତମ ଜୟନ୍ତୀ ତଥା ସେବା ପକ୍ଷ ପାଳନ ଅବସରରେ ସୋମବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରୂପସାସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ଆୟୋଜିତ ଶିବିରକୁ ମୁଖ୍ୟଅତିଥି ରାଜ୍ୟ ଯୁବମୋର୍ଚ୍ଚା ଭାଜପା ଉପସଭାପତି ମାନସ ଦତ୍ତ ଓ ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସଭାପତି ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ମଣ୍ଡଳ ସଭାପତି ତପନ ଗିରି, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ଶୁଭେଶ ନାୟକ, ଓଡିଶା ବ୍ଲଡ଼ ଡୋନର ଆସୋସିଏଶନ ସଭାପତି ଭିକାରୀ ଚରଣ ମିସ୍ତ୍ରୀ, ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଟେକ୍ନିସିଆନ ଅକ୍ଷୟ କୁମାର ଜେନା ଓ ରାଜେଶ କୁମାର ମିଶ୍ର, କାଉନ୍‌ସେଲର ଶୁଚିସ୍ମିତା ଦାସ, ଆଟେଣ୍ଡାଣ୍ଟ ହେମଲତା ସେଠୀ ଓ ସନ୍ତୋଷ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ୭୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକର୍ତ୍ତା ମୃତ୍ୟୁଞ୍ଜୟ ବାରିକ, ରାକେଶ ଦାସ, ସୁଶାନ୍ତ ବେହେରା, ଜିତେନ୍ଦ୍ର ପରିଡ଼ା, ଶିବସୁନ୍ଦର ସାହୁ, ସମୀର ଜେନା, ଅମୀର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଙ୍ଗାଗଲା ତାଲା

- ୧୫ ଦିନ ହେଲା ଉପ ଡାକଘର ବନ୍ଦ
- ଟଙ୍କା ହଡ଼ପ ଅଭିଯୋଗ

ଚାନ୍ଦବାଲି,୨୭।୯(କିଶାନ ପାତ୍ର/ ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଚରଦିଆ ପୋଷ୍ଟ ଅଫିସରୁ ଟଙ୍କା ହଡ଼ପ ଘଟଣାକୁ ମାସେ ପୂରି ନ ଥିବା ବେଳେ ଉଗ୍ରତରା ଉପ ଡାକଘର ୧୫ ଦିନ ହେବ ବନ୍ଦ ରହିବା କାରଣରୁ ଜମାକାରୀଙ୍କ ଅର୍ଥ ହଡପ ହୋଇଥିବା ସନ୍ଦେହ ଉପୁଜିଛି। ୨ ସପ୍ତାହ ହେଲା ଉକ୍ତ ଡାକଘରେ ତାଲା ପକାଇ ପୋଷ୍ଟମାଷ୍ଟର ମୁକେଇ ମାଝୀ ଆସୁନାହାନ୍ତି। ଜମାକାରୀ ବାରମ୍ବାର ଫେରିବା ପରେ ବୁଧବାର ଚାନ୍ଦବାଲି ଡାକ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ମାଜିଷ୍ଟ୍ରେଟ ତହସିଲଦାର ସୁଶାନ୍ତ ସୂତାରଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର ତାଲା ଭାଙ୍ଗିବା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ରାଧିକା ପଣ୍ଡା, ଗୌରୀବାଳା ପଣ୍ଡା, ଭାରତୀ ସାହୁ, ସୁଜିତ୍ ବାରିକଙ୍କ ସମେତ ଜମାକାରୀମାନେ ସେମାନଙ୍କ ଜମା ଟଙ୍କା ତୁରନ୍ତ ଫେରାଇ ଦେବା ପାଇଁ ପୋଷ୍ଟ ଅଫିସ ସମ୍ମୁଖରେ ହୋହଲା କରିଥିବା ଦେଖିବାକୁ ମିଳିଥିଲା। ଭଦ୍ରକ ଡାକ ବିଭାଗର ଜିଲା ଇନ୍ସପେକ୍ଟର ଅନନ୍ତ କୁମାର ଶତପଥୀ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।



ଉପ ଡାକଘର ଆଗରେ ଜମାକାରୀମାନେ ହୋହଲା କରୁଛନ୍ତି।

## କାଜୁ ବଗିଚାରେ ବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ପାଟଣା,୨୭।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସାହାରପଡ଼ା ବ୍ଲକ ଦୁବେଇ ପେଣ୍ଡ ଗ୍ରାମର ବାବୁଲି ନାଏକ(୨୯)। ସୂଚନା ଅନୁଯାୟୀ, ୭ ବର୍ଷର ଉକ୍ତ ବାଳିକାଙ୍କୁ ମଙ୍ଗଳବାର ରାତିରେ ଖାତା ପେନ କିଣିଦେବାର ପ୍ରଲୋଭନ ଦେଖାଇ ବାବୁଲି ୨ ଶହ ମିଟର ଦୂରରେ ଥିବା ଏକ କାଜୁ ବଗିଚାକୁ ନେଇ ବଳାତ୍କାର କରିଥିଲେ। ବାଳିକାଙ୍କ ବାପା ଗାଁ ଲୋକଙ୍କ ସହ ଖୋଜାଖୋଜି କରି ଘଟଣାସ୍ଥଳରେ ପହଞ୍ଚି ଝିଅକୁ ଉଦ୍ଧାର କରିଥିଲେ। ଲୋକଙ୍କୁ ଦେଖି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଖୋଜି ତାଙ୍କୁ କରଞ୍ଜିଆ ବସ୍‌ଷ୍ଟାଣ୍ଡରୁ କାବୁ କରିଥିଲେ। ବୁଧବାର ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦା ପହଞ୍ଚି ଅଭିଯୁକ୍ତଙ୍କୁ ପାଟଣା ଥାନାକୁ ଆଣିଥିଲେ। ଅଭିଯୁକ୍ତ ଓ ପୀଡ଼ିତାଙ୍କ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ. ୧୬୫/୨୩)ରୁଜୁ ହୋଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦା କହିଛନ୍ତି।

# ବ୍ୟାଙ୍କମିତ୍ରଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବ୍ୟାଙ୍କମିତ୍ର ସଂଘର କର୍ମକର୍ତ୍ତାମାନେ।

### ଜିଲାପାଳଙ୍କୁ ଦାବିପତ୍ର

ବାରିପଦା,୨୭।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ମିଶନଶକ୍ତିର ବ୍ୟାଙ୍କମିତ୍ର ଭାବେ କାର୍ଯ୍ୟରତ ଭାରତୀ ସିଂଙ୍କୁ କାର୍ଯ୍ୟରେ ଅବହେଳା ଦର୍ଶାଇ ନିଲମ୍ବନ କରାଯାଇଛି। ତେବେ ସରକାରଙ୍କ ବିରୋଧରେ ମୁହଁ ଖୋଲିବାରୁ ଆକ୍ରୋଶମୂଳକ ଭାବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବ୍ୟାଙ୍କମିତ୍ର ସଂଘ ଅଭିଯୋଗ କରିଛି। ଏନେଇ ସଂଘ କର୍ମକର୍ତ୍ତା ବୁଧବାର ମୟୂରଭଞ୍ଜ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି।

କାର୍ଯ୍ୟରେ ଅନିୟମିତତା, ଏସ୍‌ଏଚ୍‌ଜି ମହିଳାଙ୍କୁ ଦୁର୍ବ୍ୟବହାର କରିବା, ମନଇଚ୍ଛା ଛୁଟିରେ ରହିବା ଏବଂ ସରକାରୀ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ନ କରିବା ଭଳି କାରଣ ଦର୍ଶାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବିଭାଗ ସୂଚନା ଦେଇଛି। ଅପରପକ୍ଷେ ଏସବୁ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି ଭାରତୀ କହିଛନ୍ତି। ସ୍ୱଚ୍ଛତା ଓ ଦାୟିତ୍ୱବାନ ଭାବେ କାର୍ଯ୍ୟ କରି ସେ ମିଶନଶକ୍ତି ତରଫରୁ ୩ ଥର ଓ ଥରେ ଏନ୍‌ଆର୍‌ଏଲ୍‌ଏମ୍ ପ୍ରୋଗ୍ରାମରେ ପୁରସ୍କୃତ ହୋଇ ସାର୍ଟିଫିକେଟ ହାସଲ କରିଛନ୍ତି। ତେବେ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିଠାରେ ସଂଘ ପକ୍ଷରୁ ଧାରଣା ଚାଲିଥିବା ବେଳେ ସରକାରଙ୍କ ବିରୋଧରେ ମୁହଁ ଖୋଲିବାରୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ରାଜ୍ୟ ସଂଘର ଉପସଭାପତି ମମତା ଜେନା ପ୍ରକାଶ କରିଛନ୍ତି।

## ଯୁବ କଂଗ୍ରେସର ବିକ୍ଷୋଭ

ରାଇରଙ୍ଗପୁର,(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳର ବିଭିନ୍ନ ସମସ୍ୟା ନେଇ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଜିଲା କଂଗ୍ରେସ ଏସ୍‌ସି ସେଲ୍‌ର ଅଧ୍ୟକ୍ଷ ଭାଗିରଥି ପାତ୍ର, ଜିଲା ଯୁବ କଂଗ୍ରେସ ସଭାପତି ସରୋଜ ନାୟକ, ଜିଲା ଛାତ୍ର କଂଗ୍ରେସ ସଂଗଠନ ସମ୍ପାଦକ ରାକେଶ କୁମାର ରାଜ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହରିହର ସାହୁ, ଜିଲା ଯୁବ କଂଗ୍ରେସର ଉପ ସଭାପତି ଭଜହରି ମହାନ୍ତ , ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି କାମେଶ୍ୱର ମାରାଣ୍ଡି ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ଥିଲେ।

## ସଂକ୍ଷେପରେ

### ଦିଲ୍‌ଦାର କ୍ଲବ୍‌ର ଗଣେଶ ଭସାଣି ଉତ୍ସବ



ଢେଙ୍କିକୋଟ୍,୨୭।୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ଦିଲ୍‌ଦାର ୟୁଥ୍ କ୍ଲବ୍‌ରେ ଗଣେଶ ପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣ ୫ଟାରେ ଭଦ୍ରକ ଜିଲା ଭଦ୍ରାଣୀ ଡିଜେ, ସ୍ୱାମପାଟଣା ବାଦ୍ୟ ସଂଘ ବାଜା, ପୁରୀ ଓଡ଼ଶୀ ନୃତ୍ୟ, ଆନନ୍ଦପୁର ଶିବ ତାଣ୍ଡବ ନୃତ୍ୟକୁ ନେଇ ମଣ୍ଡଳ ସାହି ପୂଜା ମଣ୍ଡପରୁ ବାହାରି ଲଙ୍ଗକଣ୍ଟି ସାହି ବସ୍ତି ଦେଇ ଢେଙ୍କିକୋଟ୍ ବଜାର ପରିକ୍ରମା କରିଥିଲେ। କ୍ଲବ୍‌ର ଉପଦେଷ୍ଟା ଜୟଦେବ ଗିରି, ଚନ୍ଦନ ମଣ୍ଡଳ, ସଭାପତି ଦେବାଶିଷ ମହାନ୍ତ, ସମ୍ପାଦକ ଆଶିଷ କୁମାର ସାହୁ ସମେତ ସକ୍ରିୟ ସଦସ୍ୟ କ୍ରିଷ୍ଣା ମଣ୍ଡଳ, ପିଣ୍ଟୁ ପରିଡ଼ା, ସନ୍ଦୀପ ରାଉତ ଏବଂ ଆଲୋକ ମହାନ୍ତ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍‌ର ଅଫିସର ଇନ୍‌ଚାର୍ଜ ତରଣୀସେନ ବାଗ ଓ ସମସ୍ତ ଷ୍ଟାଫ୍ ସହଯୋଗ କରିଛନ୍ତି। ଉତ୍ସବ ରାତି ୯ଟା ବେଳେ ସମାପ୍ତ ହୋଇଥିଲା।

### ଭିନ୍ନକ୍ଷମ ବୃଦ୍ଧାଙ୍କ ଆବାସ ଟଙ୍କା ଲୁଟିନେଲେ

ପାଟଣା,୨୭।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଜଣେ ବ୍ୟାଙ୍କ ମିତ୍ରଙ୍କ ଡିକି ଭାଙ୍ଗି ମଙ୍ଗଳବାର ଟଙ୍କା ଚୋରି ହେବାର ୨୨ ଘଣ୍ଟା ନପୁରୁଣୁ ବୁଧବାର ଜଣେ ଭିନ୍ନକ୍ଷମ ବୃଦ୍ଧାଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଟଙ୍କା ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ବୃଦ୍ଧା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ମୁଷାପଡ଼ା ଗ୍ରାମର ସୁବାସିନୀ ନାଏକ। ସେ ଗ୍ରାମର ଜଣେ ମହିଳାଙ୍କ ସହ ପାଟଣା ମୁଖ୍ୟାଳୟ ବ୍ୟାଙ୍କ ଅଫ ଇଣ୍ଡିଆରୁ ୫୦ ହଜାର ଟଙ୍କା ଉଠାଇ ଚାଲି ଚାଲି କୃଷି କାର୍ଯ୍ୟାଳୟକୁ କାଳିଆ ଟଙ୍କା ଆସିଛି କି ନାହିଁ ବୁଝିବାକୁ ଯାଉଥିଲେ। ବ୍ୟାଙ୍କ ସମ୍ମୁଖ ରାସ୍ତା ନିକଟରେ ପଛପଟୁ ୨ ଜଣ ଯୁବକ ନାଲି ବାଇକରେ ଆସି ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଟାଙ୍ଗରପଡ଼ା ଆଡକୁ ଫେରାର ହୋଇଯାଇଥିଲେ। ଖବର ପାଇ ପାଟଣା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁଙ୍କ ନେତୃତ୍ୱରେ ଲୁଟେରାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ତନାଘନା କରିଥିଲେ। ପୋଲିସ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛନ୍ତି। ଟଙ୍କା ଲୁଟ ପରେ ବୃଦ୍ଧା ଘର କିଭଳି ସମ୍ପୂର୍ଣ୍ଣ କରିବେ ଆଉ ବାକି ଟଙ୍କା କିଭଳି ସୁଝିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ବ୍ଲକ୍, କୃଷି ଅଧିକାରୀ କାର୍ଯ୍ୟାଳୟ ସହ ମୁଖ୍ୟାଳୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସିସି ଟିଭି ଖଞ୍ଜିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ସ୍ୱଚ୍ଛତା ସଚେତନତା ପଦଯାତ୍ରା

ଚମ୍ପୁଆ,୨୭।୯(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ସହାୟତାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ନଗରକୁ ସ୍ୱଚ୍ଛ ଓ ନିର୍ମଳ କରିବା ଲକ୍ଷ ନେଇ ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କ ନେତୃତ୍ୱରେ ଏକ ପଦଯାତ୍ରା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବା ସହିତ ସ୍ୱଚ୍ଛତା ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ପଦଯାତ୍ରାରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସମସ୍ତ କାଉନ୍‌ସିଲର, ସ୍ୱଚ୍ଛସାଥି ଏବଂ ସ୍ୱଚ୍ଛ କର୍ମୀ ସମେତ ଜନସାଧାରଣ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଯୋଗଦେଇଥିଲେ। ସ୍ୱଚ୍ଛତା ସମ୍ପର୍କରେ ବାର୍ତ୍ତା ବହନ କରି ଲୋକଙ୍କୁ ସଚେତନ କରିବା ଏବଂ ଚମ୍ପୁଆ ସହରକୁ ମହିଳାମୁକ୍ତ କରିବା ଏହାର ଲକ୍ଷ ବୋଲି ସୂଚନା ଦେଇଥିଲେ। ପରେ କାର୍ଯ୍ୟାଳୟ ପରିସରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥିଭାବେ ପିଡି ଡୁଡା ଘାସିରାମ ମୁର୍ମୁ ଯୋଗଦେଇଥଲେ। କାର୍ଯ୍ୟକ୍ରମକୁ ସିଏମଏମ ଅନନ୍ତ ଚରଣ ସାହୁ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପାଳନ ହେଲା ବିଶ୍ୱ ପର୍ଯ୍ୟଟନ ଦିବସ

# ଫୁଲ, ଚନ୍ଦନ ଦେଇ ପର୍ଯ୍ୟଟକଙ୍କୁ ସ୍ୱାଗତ

ନୀଳଗିରି, ୨୭।୯(ପ୍ରଶାନ୍ତ ବିଶ୍ୱାଳ)

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ନୀଳଗିରିର ବାବା ପଞ୍ଚଲିଙ୍ଗେଶ୍ୱରରେ ଯାତ୍ରୀ ସୁରକ୍ଷା କମିଟି ପକ୍ଷରୁ ବୁଧବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କୁ ଫୁଲ, ଚନ୍ଦନ, ଏବଂ ମିଠା ଖୁଆଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ପଞ୍ଚଲିଙ୍ଗେଶ୍ୱର ପୀଠରେ ବଙ୍ଗୀୟ ପର୍ଯ୍ୟଟକଙ୍କ ଅଧିକ ଭିଡ଼ ଥିବା ଦେଖିବାକୁ ମିଳିଥିଲା। ତେବେ ପଞ୍ଚଲିଙ୍ଗେଶ୍ୱରରେ କମିଟିର ଏପରି ସ୍ୱାଗତକୁ ପସନ୍ଦ କରିଛନ୍ତି ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକମାନେ। କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ପରିବେଶବିତ୍ ତଥା ଟୁରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସ। ଯାତ୍ରୀ ସୁରକ୍ଷା କମିଟିର ସଦସ୍ୟ ବାସୁଦେବ ଜେନା, ରାଜେନ୍ଦ୍ର ବେହେରା, ରମଣୀ ରଞ୍ଜନ ଦାସ, ଗୋବିନ୍ଦ ଦାସ, ସିଦ୍ଧାର୍ଥ ସେଠୀ, ଅନୀଲ ସେଠୀ, ପିଣ୍ଟୁ ସେଠୀ, ଦାମୋଦର ଲେଙ୍କା, ରମେଶ ଦାସ, ଚନ୍ଦନ ଦାସ, ରଞ୍ଜନ ପରିଡ଼ା, ସୁନୀଲ ସେଠୀ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ପର୍ଯ୍ୟଟକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ପାଛୋଟି ନେଇଥିଲେ।



ପର୍ଯ୍ୟଟକଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ।

## କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ବାରିପଦା,୨୭।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱସ୍ତି ଇଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜେମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ୍‌ର ଅଧ୍ୟକ୍ଷ ପ୍ରଫେସର ରାଜ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ନିମନ୍ତ୍ରିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ହାଇସ୍କୁଲ ଓ ମହାବିଦ୍ୟାଳୟସ୍ତରରେ କୁଇଜ . ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ଯୋଗଦେଇ ବିଶ୍ୱରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ପର୍ଯ୍ୟଟନ ଏକ ସେତୁ ସଦୃଶ। ବର୍ତ୍ତମାନ ସମୟରେ ଦେଶର ଅର୍ଥ ନୈତିକ ଅଭିବୃଦ୍ଧି କ୍ଷେତ୍ରରେ ପର୍ଯ୍ୟଟନ ପ୍ରମୁଖ ଭୂମିକା ବହନ କରିଛି ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

## ବିଶ୍ୱ ପର୍ଯ୍ୟଟନ ଦିବସରେ କୁଇଜ୍ ପ୍ରତିଯୋଗିତା

ଭଦ୍ରକ,୨୭।୯(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ପର୍ଯ୍ୟଟନ ବିଭାଗ ଜରିଆରେ ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ପର୍ଯ୍ୟଟନ ଅଧିକାରୀ ତଥା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ଜିଲା ସଂସ୍କୃତି ଭବନରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପର୍ଯ୍ୟଟନ ସମ୍ପର୍କୀତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୁଇ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଏବଂ ଶାନ୍ତନୁ ମହାନ୍ତି ଉତ୍ସବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟତମ ଅତିଥିଭାବେ ସହାୟକ ଜିଲାପାଳ ସୁଧାଂଶୁ ମୋହନ ସ୍ୱାଇଁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଯୋଗଦେଇଥିଲେ। ୭ଟି ହାଇସ୍କୁଲ ଓ ୬ଟି କଲେଜରୁ ୨ ଜଣ ଲେଖାଏଁ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସହାୟକ ଜିଲାପାଳ ସ୍ୱାଇଁଙ୍କ ସହ ଦୀପା ଟିମ୍‌ର ଅଧିକାରୀ ଅଜିତ୍ କୁମାର ରଥ ଏବଂ ସୁବ୍ରତ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସରୋଜ କୁମାର ମଲ୍ଲିକ୍ ଏବଂ ସ୍ୱାଗତିକା ସାହୁ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ।

# ୪ ବର୍ଷ ପରେ ଘରକୁ ଫେରିଲେ ନିଖୋଜ ଯୁବକ

ଗୋପବନ୍ଧୁ ନଗର,୨୭।୯
(ଶାନ୍ତନୁ କୁମାର ମଣ୍ଡୁଆଳ)

୪ ବର୍ଷ ତଳେ ନିଖୋଜ ହୋଇଯାଇଥିବା ଜଣେ ଯୁବକ ଘରକୁ ଫେରିଛନ୍ତି। ଏନେଇ ପରିବାରରେ ଖୁସି ଦେଖାଦେଇଛି। ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ନୂଆସାହି ଗ୍ରାମର ସ୍ୱର୍ଗତ ଦୁଲା ସିଂଙ୍କ ପୁଅ ଦୁର୍ଗା(୨୪) ୨୦୧୯ ମାର୍ଚ୍ଚ ୪ ରେ ମାଣ୍ଡ୍ରୀ ଶିବରାତ୍ରି ମେଳାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ତାଙ୍କ ମାଆ ମାସେ କାଳ ଖୋଜି ଖୋଜି ନ ପାଇ ଏପ୍ରିଲ ୧୮ରେ ଖୁଣ୍ଟା ଥାନାରେ ପୁଅ ନିଖୋଜ ସମ୍ପର୍କରେ ଏତଲା ଦେଇଥିଲେ। ଦୁର୍ଗା କୌଣସି କାରଣରୁ ୨ବର୍ଷ ପୂର୍ବରୁ ମାନସିକ ରୋଗୀ ଭଳି ବ୍ୟବହାର ଦେଖାଉଥିବା ସହ ବିଭିନ୍ନ ସମୟରେ ଏଣେ ତେଣେ ବୁଲୁଥାନ୍ତି। ତେଣୁ ନିଜ ଠିକଣା ସମ୍ପର୍କରେ ଠିକ୍ ଭାବେ କହି ପାରୁ ନ ଥିଲେ। ଗତ ୨୫ ତାରିଖରେ ଯାଜପୁର ଜିଲା ପାଣିକୋଇଲିସ୍ଥିତ ଏକ ଢାବାରୁ ପରିବାର ଲୋକେ ତାଙ୍କୁ ଠାବ କରିବାରେ ସକ୍ଷମ ହୋଇଛନ୍ତି।

ଢ଼ାବା ମାଲିକଙ୍କ କହିବା ଅନୁଯାୟୀ, ୨୦୨୧ ମସିହାର ଦିନେ ବିଳମ୍ବିତ ରାତିରେ ତାଙ୍କ ଢ଼ାବା ନିକଟରେ ଦୁର୍ଗା ପହଞ୍ଚିଥିଲେ। ଢାବା ମାଲିକ ତାଙ୍କୁ ୧୦/୧୫ଦିନ ଧରି ଖାଇବାକୁ ଦେବା ପରେ ତାଙ୍କର ମାନସିକ ପରିବର୍ତ୍ତନ ଦେଖିବାକୁ ପାଇଥିଲେ। କେହି କିଛି ନ କହିଲେ ବି କାମରେ ଲାଗି ପଡୁଥିଲେ ଦୁର୍ଗା। ମାନସିକ ସ୍ଥିତିରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ନିଜ ଠିକଣା କହି ପାରୁ ନ ଥିଲେ। ଫଳରେ ୨ବର୍ଷ ଧରି ଢାବାରେ ରହି କାମ କରୁଥିଲେ। ଗତ ୨୦ତାରିଖରେ ତାଙ୍କ ଗ୍ରାମର ଜଣେ ଗାଡ଼ି ଡ୍ରାଇଭର ସେହି ଢାବାକୁ ଖାଇବାକୁ ଯାଇଥିବାବେଳେ ଦୁର୍ଗାଙ୍କୁ ଚିହ୍ନି ପାରିଥିଲେ। ଏହି ଖୁସି ଖବର ଦୁର୍ଗାଙ୍କ ପରିବାର ଲୋକେ ଜାଣିବା ପରେ ମା’ପାତି ସିଂ ସ୍ଥାନୀୟ ସରପଞ୍ଚ ଭୋଲାନାଥ ସିଂ ଓ ସେହି ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ସିଂଙ୍କୁ ନେଇ ଢାବା ନିକଟରେ ପହଞ୍ଚି ପୁଅକୁ ଚିହ୍ନଟ କରିବା ସହ ଘରକୁ ଆଣିଥିଲେ। ଦୁର୍ଗାଙ୍କ ସମ୍ପୂର୍ଣ୍ଣ ସ୍ମରଣ ଶକ୍ତି ଫେରି ନ ଥିବାରୁ ବିଗତ ୪ବର୍ଷର ଜୀବନ କାହାଣୀ ସେ ବଖାଣି ପାରୁନାହାଁନ୍ତି।



ଦୁର୍ଗା ସିଂ।

## ଜାତୀୟ ଭାଷା ଓ ସାହିତ୍ୟର ଦିନିକିଆ ଆଲୋଚନାଚକ୍ର




ଆଲୋଚନାଚକ୍ରରେ କୁଳପତି ସନ୍ତୋଷ ତ୍ରିପାଠୀ ଓ ଅନ୍ୟମାନେ।

ବାଲେଶ୍ୱର, ୨୭।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ସମ୍ମିଳନୀ କକ୍ଷରେ ଲେଖକ ତଥା ଦାର୍ଶନିକ ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କ କାବ୍ୟିକ ଦୃଷ୍ଟିକୋଣ ଓ ଦାର୍ଶନିକ ତତ୍ତ୍ୱକୁ ମୁଖ୍ୟ ବିଷୟ ରଖି ବୁଧବାର ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଛି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପ୍ରଫେସର ଡ. ସୌମ୍ୟାସଙ୍ଗୀତା ସାହୁ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନନୀୟ ଅତିଥି ଭାବେ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ଆମନ୍ତ୍ରିତ ବକ୍ତା ଭାବେ ପୂର୍ବତନ ଇଂଲିଶ ପ୍ରଫେସର ସରୋଜ ପାଢ଼ୀ ଓ ସାଧାରଣ ବକ୍ତା ଭାବେ ଡ. ସୋନାଲି ଦାଶ ଯୋଗଦେଇ କବି ଜୟନ୍ତ ମହାପାତ୍ରଙ୍କ ଲେଖାର ମହତ୍ତ୍ୱ ଓ ଦାର୍ଶନିକ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରିଥିଲେ। ଦୁଇଭାଗରେ ବିଭକ୍ତ ଅଧିବେଶନରେ ବାରିପଦା ମହିଳା ମହାବିଦ୍ୟାଳୟର ପୂର୍ବତନ ଇଂଲିଶ ରିଡ଼ର ଡ. ରବିନାରାୟଣ ଦାସ ଓ ଫକୀରମୋହନ ମହାବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ଡ. ବିଜୟ କୁମାର ଦେ ଅଧ୍ୟକ୍ଷତା କରିଥିଲେ। ସମୀକ୍ଷକ ଭାବେ ଏମ୍‌ପିସି କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ସୁବାଷ ଚନ୍ଦ୍ର ପାତ୍ର, ଫକୀରମୋହନ ମହାବିଦ୍ୟାଳୟ ପୂର୍ବତନ ଇଂଲିଶ ରିଡର ଡ. ସାନ୍ତ୍ୱନା ହାଲଦାର ଉପସ୍ଥିତ ଥିଲେ। ଏଥିସହ ୧୩ଜଣ ବକ୍ତା ଜୟନ୍ତମହାପାତ୍ରଙ୍କ ଲିଖିତସଂକଳନଗୁଡ଼ିକର ବ୍ୟକ୍ତିଗତ ବିଶ୍ଳେଷଣ କରିଥିଲେ। ଆଲୋଚନାଚକ୍ର ଶେଷରେ ମୌମିତା ପାତ୍ର ଓ ଈପ୍‌ସିତା ଦାସ ଧନ୍ୟବାଦ ଦେଇଥିଲେ।

## ନାବାଳିକା ଅସଦାଚରଣ ମାମଲା

### ଦୋଷୀଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୭।୯(ମାନସ ବିଶ୍ୱାଳ): ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୨୦୦୦ ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ବଡ଼କିଆ ଗ୍ରାମର ମିଲଟନ ଯାଦବ ନାବାଳିକା ଦୁଇ ଭଉଣୀଙ୍କୁ ଏକୁଟିଆ ଦେଖି ଅସଦାଚରଣ କରିଥିଲା। ଏନେଇ ଚାନ୍ଦିପୁର ଥାନାରେ ଏକ ମାମଲା (ନଂ. ୫୭/୨୦୨୨) ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ଜଜ୍ ୯ ଜଣ ସାକ୍ଷୀ ଓ ୧୦ ଟି ଦଲିଲ ଓ ଦସ୍ତାବିଜ୍‌କୁ ଆଧାର କରି ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ସୌର



@ସୁଶାନ୍ତ



@ଶଶିକାନ୍ତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ

କେନ୍ଦୁଝର,୨୭।୯
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

**ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୩ ପ୍ରତ୍ୟାହାର ଦାବି**

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କେନ୍ଦୁଝର ଜିଲା ସାଂଗଠନିକ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ପୂର୍ବରୁ କେନ୍ଦୁଝର ସହରର କରଞ୍ଜିଆ ବସ୍‌ଷ୍ଟାଣ୍ଡଠାରୁ ବହୁ ସଂଖ୍ୟାରେ ଚାଷୀମୂଲିଆ, ମହିଳା, ଏକ ଶୋଭାଯାତ୍ରାରେ ଗାନ୍ଧୀଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବିକ୍ଷୋଭ ସମାବେଶ କମ୍ରେଡ୍ ଘନଶ୍ୟାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଏଆଇକେକେଏମଏସର ରାଜ୍ୟ ସମ୍ପାଦକ କମ୍ରେଡ୍ ରଘୁନାଥ ଦାସ ଯୋଗଦେଇ କେନ୍ଦ୍ର ସରକାର ନିକଟରେ ଜଙ୍ଗଲ ସଂରକ୍ଷଣ ନାଆଁରେ ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୩ ପ୍ରଣୟନ କରିଛନ୍ତି। ଯେଉଁ ଆଇନ ବଳରେ ପୁରୁଷ ପୁରୁଷ ଧରି ଦଖଲ କରିଥିବା ବନବାସୀଙ୍କର ଜମିରୁ ଉଚ୍ଛେଦ କରିବେ ଏବଂ ସେହି ସମସ୍ତ ଜମିକୁ କର୍ପୋରେଟ ପୁଞ୍ଜିପତି ମାନଙ୍କ ହାତରେ ଟେକିଦେବେ। ତାହାକୁ ଉଚ୍ଛେଦ ସହ ମଦର ପ୍ରସାର ନିଷେଧ ଓ ବିଦ୍ୟୁତ୍ ବିଲ୍ ୨୦୨୨ ପ୍ରତ୍ୟାହାର ଦାବି କରିଛନ୍ତି। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାର ଜନ ବିରୋଧୀ ଆଇନ ଆଣି ଲୋକଙ୍କୁ ହଇରାଣ କରୁଛନ୍ତି ବୋଲି ଉଦ୍‌ବୋଧରେ କହିଥିଲେ। ବିକ୍ଷୋଭ ସ୍ଥଳରୁ କମ୍ରେଡ୍ ପ୍ରକାଶ ମଲ୍ଲିକଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତକରି ୧୪ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ବରପଦା ଇଞ୍ଜିନିୟରିଂ କଲେଜ କର୍ମଚାରୀଙ୍କ ଧାରଣା

ଭଦ୍ରକ,୨୭।୯(ସନାତନ ରାଉତ)

**କଲେଜକୁ ବଦନାମ କରିବାକୁ ଉଦ୍ୟମ: ଅଧ୍ୟକ୍ଷ**

ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜ ଗେଟ୍ ଆଗରେ କିଛି ଅଣଶିକ୍ଷକଙ୍କ ସହ ତଳିଆ କର୍ମଚାରୀମାନେ ବକେୟା ଦରମା ଦାବିରେ ବୁଧବାର ଧାରଣାରେ ବସିଛନ୍ତି। ଉକ୍ତ ଦାବିକୁ ନେଇ ପୂର୍ବରୁ ଅନେକ ବାର ଏପରି ଧାରଣା ମଧ୍ୟ ଦିଆଯାଇଥିଲା। ଏନେଇ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ମଧ୍ୟ ରହିଛି। ପ୍ରସଙ୍ଗକୁ ନେଇ ବାରମ୍ବାର ଧାରଣା ଦିଆଯିବା ପଛରେ କିଛି କୁଚକ୍ରୀ ଗୋଷ୍ଠୀଙ୍କ ହୀନ ଉଦ୍ୟମ ରହିଛି ବୋଲି କଲେଜ ଅଧ୍ୟକ୍ଷ ଡ. ମୋହନ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି। ଏଥିସହ ପୂର୍ବବର୍ଷ ଅପେକ୍ଷା ଅଧିକ ସଂଖ୍ୟକ ପିଲା ଚଳିତ ବର୍ଷ ନାମ ଲେଖାଇଛନ୍ତି। ଯାହା ଅନୁଷ୍ଠାନକୁ ଆଗକୁ ନେବାରେ ବାଟ ଦେଖାଉଛି ଏବଂ କର୍ମଚାରୀମାନେ ମଧ୍ୟ ନିଜର ପ୍ରାପ୍ୟ ଠିକ୍ ସମୟରେ ଦରମା ପାଉଛନ୍ତି। କୋର୍ଟଙ୍କ ରାୟକୁ ଅପେକ୍ଷା ନକରି କଲେଜକୁ ବଦ୍‌ନାମ କରିବା ପାଇଁ ଏପରି ଧାରଣା ଦିଆଯାଇଥିବା ଅଧ୍ୟକ୍ଷ କହିଛନ୍ତି।

## ମଧ୍ୟାହ୍ନଭୋଜନରେ ବିସ୍କୁଟ୍ ଖାଇଲେ ଛାତ୍ରୀଛାତ୍ର

କଣ୍ଟିପାଳ,୨୭।୯(ସୁଶାନ୍ତ କୁମାର ସାହୁ)

- କଣ୍ଟିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ
- ଦରମା ବୃଦ୍ଧି ପାଇଁ ଛୁଟିରେ ପାଚିକା

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନ କଣ୍ଟିପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ପିଲାମାନେ ବୁଧବାର ମଧ୍ୟାହ୍ନ ଭୋଜନରେ ବିସ୍କୁଟ୍ ଖାଇଥିଲେ। ମଙ୍ଗଳବାର ମଧ୍ୟ ସେମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ହୋଇ ନ ଥିବା ଅଭିଯୋଗ ହୋଇଛି। ଦରମା ବୃଦ୍ଧି ଦାବିରେ ପାଚିକା ଛୁଟିରେ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସ୍କୁଲରେ ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ପ୍ରଥମରୁ ଅଷ୍ଟମ ପାର୍ଯ୍ୟନ୍ତ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଉଛି। ପାଚିକାମାନଙ୍କର ୩ ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ମଙ୍ଗଳବାର ଓ ବୁଧବାର ମଧ୍ୟାହ୍ନଭୋଜନ ରୋଷେଇ ହୋଇନାହିଁ। ବୁଧବାର ପିଲାଙ୍କୁ ବିସ୍କୁଟ୍ ଦିଆଯାଇଥିଲା। ଗୁରୁବାର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହେବା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଆନନ୍ଦପୁରର ବିଭିନ୍ନ ସ୍କୁଲରେ ପାଚିକାଙ୍କ ଆନ୍ଦୋଳନ ସତ୍ତ୍ୱେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏଠାରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସୁର କହିଛନ୍ତି, ମଧ୍ୟାହ୍ନଭୋଜନ ଦାୟିତ୍ୱ ଏସ୍‌ଏଚ୍‌ଜି ଗ୍ରୁପ୍ ହାତରେ ରହିଛି। ସେମାନେ ବ୍ୟବସ୍ଥା କରିବା କଥା।

